## ପୁଷ୍ଟିଶସ୍ୟ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା:

୨୦୨୩ ମସିହାକୁ ଅର୍ନ୍ତଜାତୀୟ ପୁଷ୍ଟିଶସ୍ୟ ବର୍ଷ ଭାବେ ପାଳନ କରାଯାଇଅଛି । ଏହି ପରିପ୍ରେକ୍ଷୀରେ ତିନୋଟି ପୁଷ୍ଟିଶସ୍ୟ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା ଜିଲ୍ଲାର ବିଭିନ୍ନ ସ୍ଥାନ - ପାଟଣାଗଡ଼, ଖପ୍ରାଖୋଲ ଓ ଟିଟିଲାଗଡ଼ରେ ନଭେମ୍ବର ମାସ ୨୦୨୩ରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ପ୍ରତିଯୋଗିତାରେ ସ୍ୱୟଂ ସହାୟକ ଦଳର ମହିଳାମାନେ ଅଂଶଗ୍ରହଣ କରି ବିଭିନ୍ନ ପୁଷ୍ଟିଶସ୍ୟ ଖାଦ୍ୟ ପ୍ରସ୍ତୁତ କରିଥିଲେ । ମଣ୍ଡିଆ ଏଣ୍ଡୁରିପିଠା, ଆରିସା, ମିଠା, ମାଲପୁଆ, କେକ୍, ବାଜରା ପିଠା, ସୁଆଁ ଖିରି, କୋଦ ଉପମା ଆଦି ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରି ପ୍ରତିଯୋଗିତାରେ ପ୍ରଦର୍ଶନ କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ର ଓ ଓଡ଼ିଶା ମିଲେଟ ମିଶନର ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ହୋଇଥିଲା ଏବଂ ଭାଗନେଇଥିବା ମହିଳାଙ୍କ ମଧ୍ୟରୁ ଭଲ ବ୍ୟଞ୍ଜନ କରିଥିବା ତିନିଜଣଙ୍କୁ ପୁରସ୍କାର ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ଫଳରେ ଉପସ୍ଥିତ ଅନ୍ୟ ମହିଳାମାନଙ୍କ ମଧ୍ୟରେ ବିଭିନ୍ନ ବ୍ୟଞ୍ଜନ ତିଆରି କରିବା ପାଇଁ ଆଗ୍ରହ ଦେଖା ଯାଇଥିଲା । ପୁଷ୍ଟିଶସ୍ୟ ଖାଦ୍ୟ ଖାଇ କିଭଳି ଆମେ ସୁସ୍ଥ ରହିବା ଏବଂ ଏହାର ଉପକାରିତା ବିଷୟରେ ଉପସ୍ଥିତ ଅତିଥିମାନେ ଉଦ୍‌ବୋଧନ ଦେଇଥିଲେ ।




## ପାଣିପାଗ ଭିତ୍ତିକ କୃଷି ପରାମର୍ଶ ସେବା:

ପ୍ରତିକୂଳ ପାଣିପାଗ ଯଥା ଅଦିନିଆ ବୃଷ୍ଟିପାତ, ବାତ୍ୟା, ଶୁଷ୍କପାଗ, ମରୁଡ଼ି, ଗ୍ରୀଷ୍ମପ୍ରବାହ, ଶୀତ ଲହରୀ ଇତ୍ୟାଦି ଯୋଗୁଁ ପ୍ରତିବର୍ଷ ଫସଲ ଉତ୍ପାଦନରେ ଯଥେଷ୍ଟ କ୍ଷୟକ୍ଷତି ଘଟିଥାଏ । ଜିଲ୍ଲା ସ୍ତରୀୟ କୃଷି ପାଣିପାଗ କ୍ଷେତ୍ରୀୟ ୟୁନିଟ, କୃଷି ବିଜ୍ଞାନ କେନ୍ଦ୍ର ବଲାଙ୍ଗିରରେ ସପ୍ତାହକୁ ୨ଥର ପରବର୍ତ୍ତୀ ପାଞ୍ଚ ଦିନ ପାଇଁ ପାଣିପାଗର ପୂର୍ବାନୁମାନ ଓ ପାଣିପାଗ ଭିତ୍ତିକ କୃଷି ପରାମର୍ଶ ସେବା ଯୋଗାଇ ଦିଆ ଯାଉଅଛି । ମୁଖ୍ୟତଃ ଚାଷୀମାନଙ୍କୁ ପରିବର୍ତ୍ତିତ ଜଳବାୟୁରେ ଅନୁକୂଳ କୃଷି, ମରୁଡ଼ି ସହନଶୀଳ ଫସଲ ଉତ୍ପାଦନ, ଅନୁକୂଳ ପାଣିପାଗକୁ ବ୍ୟବହାର କରିକି ଅତ୍ୟଧିକ ଫସଲ ଉତ୍ପାଦନ, ଚରମ ପାଣିପାଗ ପରିସ୍ଥିତିରୁ ରକ୍ଷା ପାଇବା ପାଇଁ ଉପଯୁକ୍ତ ଫସଲ ପ୍ରଣାଳୀ ସମ୍ବନ୍ଧରେ ତାଲିମ ପ୍ରଦାନ କରା ଯାଉଅଛି ।

ଏହାଦ୍ୱାରା କୃଷକ ଜଳବାୟୁ ସଂକଟ ପରିପ୍ରେକ୍ଷୀରେ ଅଧିକ ଉପଯୋଗୀ କୃଷିପ୍ରଣାଳୀ ବ୍ୟବହାର କରି ଲାଭବାନ ହୋଇପାରୁଛନ୍ତି ।





## କୃଷି ବିଜ୍ଞାନ କେନ୍ଦ୍ରରେ ବିଭିନ୍ନ ପ୍ରଦର୍ଶନୀ କ୍ଷେତ୍ର:

କୃଷି ବିଜ୍ଞାନ କେନ୍ଦ୍ର ଫାର୍ମରେ ମରୁଡ଼ି ସହନଶୀଳ ତଥା ଅଧିକ ଅମଳକ୍ଷମ ଧାନର ପିଣ୍ଡ ବିହନ ଉତ୍ପାଦନ କରାଯାଇଛି । ମରୁଡ଼ି ସହନଶୀଳ ଧାନ ସ୍ୱର୍ଣ୍ଣଶ୍ରେୟା ୨ ହେକ୍ଟର ଏବଂ ଅଧିକ ଅମଳକ୍ଷମ ପୁଜା ୫ ହେକ୍ଟର ଧାଡ଼ି ରୂଆ ପ୍ରଣାଳୀରେ ଚାଷ କରାଯାଇଛି ।

ଜୈବିକ କୃଷିର ପ୍ରସାର ପାଇଁ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଜିଆଗତ ତଥା ଉନ୍ନତ କିସମରେ ଜିଆ ଉତ୍ପାଦନ କୌଶଳ ପ୍ରଦର୍ଶନ ହେଉଅଛି । ପଲିବ୍ୟାଗ, ସିମେଣ୍ଟ ରିଙ୍ଗ ଓ ଟାଙ୍କିରେ ଜିଆଗତ ଉତ୍ପାଦନ ହେଉଛି ।

ଗୋଖାଦ୍ୟରେ ପୁଷ୍ଟିସାରର ଉତ୍ସ ଭାବେ ଆଜୋଲା ଏବଂ ଘରାର ବ୍ୟବହାରକୁ ପ୍ରସାରିତ କରିବା ନିମନ୍ତେ କୃଷି ବିଜ୍ଞାନ ଫାର୍ମରେ ଆଜୋଲା ଏବଂ ହାତିଆ ଘରା ପ୍ରଦର୍ଶନୀ କ୍ଷେତ୍ର ସ୍ଥାପିତ ଅଛି । କଣ୍ଟାବିହୀନ ନାଗଫେଣୀର ଏକ ପ୍ରଦର୍ଶନୀ କ୍ଷେତ୍ର ନୂତନ ଭାବେ ସ୍ଥାପିତ ହୋଇଛି ଯାହା ଶୁଷ୍କ ଅଞ୍ଚଳରେ ଗୋଖାଦ୍ୟ ଭାବେ ବ୍ୟବହାର କରାଯାଏ । କୁକୁଡା ଚିଆଁ ଫୁଟାଇବା ପାଇଁ ଏକ ଅଟୋମେଟିକ ହାଚର୍ ନୂତନ ଭାବେ ସ୍ଥାପିତ ହୋଇଛି । ଚିଆଁ ବ୍ରୁଡିଙ୍ଗ୍ ପାଇଁ ଏକ ୨୦୦ ବର୍ଗଫୁଟ୍‌ର ବ୍ରୁଡିଙ୍ଗ୍ ୟୁନିଟ୍ ରହିଛି ।

ଚାଷୀମାନଙ୍କୁ ଡ୍ରାଗନ୍ ଫ୍ରୁଟ୍ ଚାଷ ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ କୃଷି ବିଜ୍ଞାନ କେନ୍ଦ୍ରରେ ନୂତନ ଭାବେ ଏକ ଡ୍ରାଗନ୍ ଫ୍ରୁଟ୍ ପ୍ରଦର୍ଶନୀ କ୍ଷେତ୍ର ସ୍ଥାପିତ ହୋଇଛି । ଏକ ପୋଖରୀ ଭିତ୍ତିକ ସମନ୍ୱିତ କୃଷି ପ୍ରଦର୍ଶନୀ କ୍ଷେତ୍ର ସ୍ଥାପିତ ହୋଇଛି ।

ମୁଖ୍ୟ ସମ୍ପାଦକ - ଡଃ ସତ୍ୟମୟ ଶତପଥୀ
(ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ)
ସମ୍ପାଦକ - ଡ. ତପନ କୁମାର ପଲାଇ
(ବୈଜ୍ଞାନିକ, ପ୍ରାଣୀ ବିଜ୍ଞାନ)

ପ୍ରକାଶକ : କୃଷି ବିଜ୍ଞାନ କେନ୍ଦ୍ର, ବଲାଙ୍ଗିର
ସମ୍ପାଦନା ମଣ୍ଡଳୀ : ମନୋଜ କୁମାର ବାରିକ, ବିଜୟଲକ୍ଷ୍ମୀ ମହାନ୍ତ, ସାଗରିକା ମୁନା, ଜ୍ୟୋତିପ୍ରକାଶ ସାହୁ, ରବିନାରାୟଣ ଶତପଥୀ


ନଂ: ୨୦୨୫୦୧୦୧୪୪

# ହରିଶଙ୍କର

## କୃଷି ବିଜ୍ଞାନ କେନ୍ଦ୍ର, ବଲାଙ୍ଗିର

ଜାନୁଆରୀ - ଡିସେମ୍ବର ୨୦୨୩

## ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟଙ୍କ ବାର୍ତ୍ତା




କୃଷି ବିଜ୍ଞାନ କେନ୍ଦ୍ର ବଲାଙ୍ଗିର କୃଷି ତଥା ଆନୁଷଙ୍ଗିକ କୃଷି କ୍ଷେତ୍ରରେ ନୂତନ ଜ୍ଞାନକୌଶଳର ପ୍ରଚାର ଓ ପ୍ରସାରଣ କରି ଜିଲ୍ଲାର କୃଷକ, କୃଷିଜୀବୀ ମହିଳା, ସ୍ୱୟଂ ସହାୟକ ଗୋଷ୍ଠୀ ତଥା କୃଷକ ଉତ୍ପାଦକ ସଂଗଠନମାନଙ୍କର ଆର୍ଥିକ ମାନଦଣ୍ଡର ଉନ୍ନତି କରିବା ପାଇଁ ନିରନ୍ତର ପ୍ରଚେଷ୍ଟା କରିଛି ଏବଂ ଅନେକ ସଫଳତା ପାଇ ପାରିଛି । କୃଷି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ନିମନ୍ତେ ନୂତନ ଜ୍ଞାନକୌଶଳ ତଥା ଜଳବାୟୁ ଅନୁକୂଳ କୃଷିକୁ ଚାଷୀ କ୍ଷେତ୍ରରେ ଗବେଷଣା ଓ ଆଗୁଆ କ୍ଷେତ୍ର ପ୍ରଦର୍ଶନ ମାଧ୍ୟମରେ ଚାଷୀଙ୍କ ନିକଟରେ ପହଞ୍ଚାଇବା ପାଇଁ ଯଥା ସମ୍ଭବ ପ୍ରଚେଷ୍ଟା କରିଥାଏ । କୃଷି ବିଜ୍ଞାନ କେନ୍ଦ୍ର କୃଷି ଓ ଆନୁସଂଗିକ କୃଷି ଯଥା - ପ୍ରାଣୀ ପାଳନ, ଛତୁଚାଷ, କୃଷିର ମହିଳା ସଶକ୍ତିକରଣ ଏବଂ କୃଷକ ଉତ୍ପାଦକ ସଂଗଠନର ଦକ୍ଷତା ବୃଦ୍ଧି ଆଦି ବିଷୟରେ ତାଲିମ ପ୍ରଦାନ କରିଥାଏ । କୃଷି ବିଜ୍ଞାନ କେନ୍ଦ୍ର ପରିସର ବିଭିନ୍ନ ଜ୍ଞାନକୌଶଳ ପ୍ରଦର୍ଶନୀ କ୍ଷେତ୍ର ଅବସ୍ଥିତ ଯାହା କୃଷି ବିଜ୍ଞାନ କେନ୍ଦ୍ରକୁ ଆସୁଥିବା ସମସ୍ତ ଚାଷୀ ତଥା ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କ ବୁଝିବାରେ ସାହାଯ୍ୟ ହୁଏ । ଆହୁରି ମଧ୍ୟ ଫାର୍ମରେ ଉନ୍ନତମାନର ବିହନ ଓ ଘରା ଉତ୍ପାଦନ କରାଯାଏ, ଯାହାଦ୍ୱାରା ନୂତନ କିସମ ଜିଲ୍ଲାର ଚାଷୀଙ୍କ ପାଖରେ ସହଜରେ ଉପଲବ୍ଧ ହୋଇପାରେ । କୃଷି ବିଜ୍ଞାନ କେନ୍ଦ୍ର ଜିଲ୍ଲାର କୃଷକମାନଙ୍କ ପାଇଁ ଏକ ଆଲୋକ ବର୍ତ୍ତିକା ସଦୃଶ । ନୂତନ ଜ୍ଞାନକୌଶଳକୁ ନେଇ ଜିଲ୍ଲାର ସମସ୍ତ କ୍ଷୁଦ୍ରଚାଷୀ ଓ ନାମମାତ୍ର ଚାଷୀ ଏବଂ ବେକାର ଯୁବକ ଯୁବତୀମାନଙ୍କୁ ଆତ୍ମନିର୍ଭରଶୀଳ ହେବାକୁ ସାହାଯ୍ୟ କରିଆସୁଛି । ଆଶା ଏହି ହରିଶଙ୍କର ପତ୍ରିକାଟି ଜିଲ୍ଲାର ସବୁ ବର୍ଗର ଜନ ସାଧାରଣଙ୍କ ନିକଟରେ ଆଦୃତ ହେବ ।

ସତ୍ୟମୟ ଶତପଥୀ

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

## ବାସ୍ନା ଧାନର କ୍ଷେତ୍ର ପରୀକ୍ଷଣ:

କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଚଳିତ ଖରିଫ୍ ଋତୁର କୃଷି ବିଜ୍ଞାନ କେନ୍ଦ୍ର ପୋଷ୍ୟ ଗ୍ରାମ - ମାୟାବରହା, ବରଗାଁ, ବୁରୋମୁଣ୍ଡା ଓ ଓଡ଼ିଆପାଲି ଗ୍ରାମରେ ବାସ୍ନାଧାନର କ୍ଷେତ୍ର ପରୀକ୍ଷଣ କରାଯାଇଥିଲା । ଏଥିରେ ତିନି ପ୍ରକାର ବାସ୍ନାଧାନ ଯଥା - ଆଘରମତି, କଳିକତି, ଗଙ୍ଗାବାହାଲି କିସମର ପରୀକ୍ଷଣ ୭ଜଣ ଆଗୁଆ ଚାଷୀଙ୍କ ଜମିରେ କରାଯାଇଥିଲା । ଏହି ପରୀକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ କେଉଁ କିସମର ଧାନର ବାସ୍ନା ଅଧିକ ଦିନ ରହି ପାରୁଛି ତଥା ଅମଳ ମଧ ଆଶାନୁରୂପ ହୋଇପାରୁଛି । ତିନୋଟି କିସମର ଅମଳ ପ୍ରାୟ ଭଲ ଆସିଥିବା ବେଳେ ଗଙ୍ଗାବାହାଲି ସମସ୍ତଙ୍କଠାରୁ ଅଧିକା ଆଦାୟ ଦେଇଛି । ଯାହା ହେକ୍ଟର ପ୍ରତି ୪୧.୬ କ୍ୱିଣ୍ଟାଲ ହୋଇଥିବା ବେଳେ, ଆଘରମତି ୩୫.୬ କ୍ୱିଣ୍ଟାଲ ଓ କଳିକତି ୪୦.୮ କ୍ୱିଣ୍ଟାଲ ହୋଇଛି । ତିନୋଟି କିସମର ଅମଳରେ ଚାଷୀମାନେ ଆଗ୍ରହ ପ୍ରକାଶ କରିଥିବା ବେଳେ, ଆଘରମତି କିସମର ବାସ୍ନାକୁ ଅଧିକ ପସନ୍ଦ କରିଛନ୍ତି ।







## ଖାଦ୍ୟରେ ଖଣିଜ ମିଶ୍ରଣ ଏବଂ ବାଇପାସ୍ ଫ୍ୟାଟ୍ ବ୍ୟବହାରର କ୍ଷେତ୍ର ପ୍ରଦର୍ଶନ:

ଚଳିତ ବର୍ଷ ଗୋଖାଦ୍ୟରେ ଖଣିଜ ମିଶ୍ରଣ ଏବଂ ବାଇପାସ୍ ଫ୍ୟାଟ୍ ବ୍ୟବହାର ଉପରେ ଏକ ଆଗ ଧାଡିର କ୍ଷେତ୍ର ପ୍ରଦର୍ଶନ ଅନୁଷ୍ଠିତ ହୋଇଛି । ଅଧିକ କ୍ଷୀର ଦେଉଥିବା ଗାଈମାନଙ୍କ ଠାରେ ଦୁଗ୍ଧ ଉତ୍ପାଦନ କମ୍ ବେଶୀ ହେବା ସହ କ୍ଷୀରରେ ଲହୁଣୀ ପରିମାଣ କମ୍ ହୋଇଯାଏ । ଏହାଦ୍ୱାରା ଦୁଗ୍ଧର ବିକ୍ରି ମୂଲ୍ୟ କମିଯାଏ । ଦୈନିକ ୫୦ ଗ୍ରାମ ଖଣିଜ ମିଶ୍ରଣ ଏବଂ ବାଇପାସ୍ ଫ୍ୟାଟ୍ (ପ୍ରତି ୧୦ ଗ୍ରାମ୍ / ଲିଟର କ୍ଷୀର) ଗୋଖାଦ୍ୟରେ ମିଶାଇ ଦେଲେ କ୍ଷୀରରେ ଲହୁଣୀ ପରିମାଣ ଠିକ୍ ରହେ । ଏହାକୁ ନଜରରେ ରଖି ବରଗାଁ, ଓଡ଼ିଆପାଲି, ବୁରୋମୁଣ୍ଡା ଓ ମାୟାବରା ଗ୍ରାମର ୧୦ ଜଣ ଗୋପାଳକଙ୍କୁ ନେଇ ଏକ କ୍ଷେତ୍ର ପ୍ରଦର୍ଶନ ହୋଇଥିଲା । ପ୍ରତ୍ୟେକ ଗୋପାଳକର ୨ଟି ଗାଈକୁ କ୍ଷେତ୍ର ପ୍ରଦର୍ଶନରେ ଅର୍ନ୍ତଭୁକ୍ତ କରାଯାଇଥିଲା । ପ୍ରତ୍ୟେକ ଗାଈକୁ ଦୈନିକ ୫୦ଗ୍ରାମ ଖଣିଜ ମିଶ୍ରଣ ଏବଂ ୧୦୦ଗ୍ରାମ ବାଇପାସ୍ ଫ୍ୟାଟ୍ ୬୦ ଦିନ ପର୍ଯ୍ୟନ୍ତ ଖାଇବାକୁ ଦିଆଯାଇଥିଲା ।

କ୍ଷେତ୍ର ପ୍ରଦର୍ଶନ ପୂର୍ବରୁ ହାରାହାରି ଦୈନିକ ଦୁଗ୍ଧ ଉତ୍ପାଦନ ୯.୨ ଲିଟର ଥିଲା ଏବଂ ଲହୁଣୀ ପରିମାଣ କମ୍ ଥିଲା । ୬୦ ଦିନ ପରେ ହାରାହାରି ଦୁଗ୍ଧ ଉତ୍ପାଦନ ୯.୪ ଲିଟର ଏବଂ ଲହୁଣୀ ପରିମାଣ ମଧ ବୃଦ୍ଧି ପାଇଥିଲା । ଲହୁଣୀ ପରିମାଣ ବୃଦ୍ଧି ପାଇବା ହେତୁ ଦୁଗ୍ଧ ବିକ୍ରି ମୂଲ୍ୟ ବୃଦ୍ଧି ପାଇଲା ଏବଂ ଚାଷୀର ଲାଭ ପରିମାଣ ବଢ଼ିଲା ।


## କୃଷି ଯନ୍ତ୍ରପାତି ମେଳା:

ଜିଲ୍ଲା କୃଷି ବିଭାଗ, ବଲାଙ୍ଗିର ତରଫରୁ କୋଶଳ କଳା ମଣ୍ଡପରେ ତାରିଖ ୧୪.୧୨.୨୦୨୩ ଠାରୁ ତା:୧୮.୧୨.୨୦୨୩ ପର୍ଯ୍ୟନ୍ତ କୃଷି ଯନ୍ତ୍ରପାତି ମେଳା ଅନୁଷ୍ଠିତ ହୋଇଅଛି । ଏହି କୃଷି ଯନ୍ତ୍ରପାତି ମେଳାରେ କୃଷି ବିଜ୍ଞାନ କେନ୍ଦ୍ର ବଲାଙ୍ଗିର ମଧ ଅଂଶଗ୍ରହଣ କରିଥିଲା । ବିଭିନ୍ନ ଉନ୍ନତ ମାନର କୃଷି ଯନ୍ତ୍ରପାତି ଏବଂ ମହିଳାମାନଙ୍କର ଶ୍ରମ ଲାଘବ କରିବା ପାଇଁ କ୍ଷୁଦ୍ର ଯନ୍ତ୍ରପାତିର ପ୍ରଦର୍ଶନ କରାଯାଇଥିଲା । ଏହି ପ୍ରଦର୍ଶନୀରେ ବଲାଙ୍ଗିର ଜିଲ୍ଲା ତଥା ଆଖପାଖ ଜିଲ୍ଲାରୁ ଅନେକ ଚାଷୀଭାଇ ଏବଂ ମହିଳା ଚାଷୀମାନେ ଆସି ସମସ୍ତ ଷ୍ଟଲ୍ ବୁଲି ଦେଖିଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ପୋଷ୍ୟ ଗ୍ରାମ୍ୟର ଅନେକ ଚାଷୀ ଭାଇମାନେ ଏହି ମେଳାରେ କୃଷି ଯନ୍ତ୍ରପାତି କ୍ରୟ କରିଥିଲେ ।




## [illegible]ରେ ପାଳଛତୁର ସଂରକ୍ଷଣ:

କୃଷି ବିଜ୍ଞାନ କେନ୍ଦ୍ର, ବଲାଙ୍ଗିର ତରଫରୁ ଉଦ୍ୟାନ ବିଭାଗସହ ମିଶି ପାଟଣାଗଡ଼ ବ୍ଲକର ବର୍ଥଲା ଗ୍ରାମଠାରେ ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କ ପାଖରେ ପାଳଛତୁର ସଂରକ୍ଷଣ ପ୍ରଣାଳୀ ବିଷୟରେ ଏକ ପ୍ରଦର୍ଶନୀ କାର୍ଯ୍ୟକ୍ରମ କଯାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଛତୁଚାଷ କରୁଥିବା ଗୋଷ୍ଠୀର ସଦସ୍ୟାମାନେ ଅଂଶଗ୍ରହଣ କରିଥିଲେ । ଉତ୍ପାଦନ ହେଉଥିବା ପାଳଛତୁକୁ କିପରି ଅଧିକ ଦିନ କମ୍ ଖର୍ଚ୍ଚରେ ସାଇତି ରଖିହେବ ସେଥିପାଇଁ ମହିଳାମାନଙ୍କୁ ପ୍ରଦର୍ଶନ କାର୍ଯ୍ୟକ୍ରମ ମାଧ୍ୟମରେ ଜ୍ଞାନ କୌଶଳ ଦିଆଯାଇଥିଲା ।



ଛତୁଗୁଡ଼ିକ ତୋଳିବା ପରେ ଫ୍ରିଜ୍‌ରେ ୨-୩ ଘଣ୍ଟା ରଖାଯାଇଥିଲା । ଏହାପରେ ୩୦୦ ଗ୍ରାମର ଛତୁ ଓଜନ କରି କଣା ହୋଇଥିବା ପ୍ଲାଷ୍ଟିକ ପକେଟ (ଖୋଳ) ଗୁଡ଼ିକରେ ରଖାଯାଇଥିଲା । ପାଣି ପାଉଚକୁ ଫ୍ରିଜରରେ ରଖି ବରଫ କରାଯାଇଥିଲା । ସୋଲର ଏକ ଖୋଳ ମଝିରେ ଛତୁ ପ୍ୟାକେଟ୍ ରଖାଯାଇଥିଲା ଏବଂ ଏହାର ଚାରିପାଖରେ ବରଫ ହୋଇଥିବା ପାଣି ପାଉଚ ରଖାଯାଇଥିଲା । ସୋଲର ଉପର ଖୋଳ ଲଗାଇ ଏହାକୁ ବନ୍ଦକରି ରଖାଯାଇଥିଲା । ଏହି ପଦ୍ଧତିରେ ଛତୁ ସଂରକ୍ଷଣ କରିବା ଦ୍ୱାରା ଏହାର ସଂରକ୍ଷଣ କରିବା ସମୟ ୧ଦିନରୁ ବଢ଼ି ୩ଦିନ ପର୍ଯ୍ୟନ୍ତ ହୋଇ ପାରିଥିଲା । ଛତୁର ଗୁଣାତ୍ମକ ମାନ ତିନିଦିନ ପର୍ଯ୍ୟନ୍ତ ଭଲଥିଲା ।

## ବିକଷିତ ଭାରତ ସଂକଳ୍ପ ଯାତ୍ରା:

ଭାରତ ସରକାରଙ୍କ ଆନୁକୁଲ୍ୟରେ କୃଷି ଓ ଆନୁସଙ୍ଗିକ ବିଭାଗରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ, କାର୍ଯ୍ୟକ୍ରମ ଚାଷୀଙ୍କୁ ଅବଗତ କରାଇବା ଏବଂ ଏହାର ଉପଯୋଗକରି କିଭଳି କୃଷିର ଉନ୍ନତି ହୋଇପାରିବ ସେଥିପାଇଁ ବିକଶିତ ଭାରତ ସଂକଳ୍ପ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବଲାଙ୍ଗିର ଜିଲ୍ଲାର ବିଭିନ୍ନ ଗ୍ରାମ ପଞ୍ଚାୟତରେ ବିକଶିତ ଭାରତ ସଂକଳ୍ପ ଯାତ୍ରାର ରଥ ବୁଲିଥିଲା ତତ୍‌ସଙ୍ଗେ ବିଭିନ୍ନ ସଭାରେ ସରକାରଙ୍କ କୃଷି ଓ ଆନୁସାଙ୍ଗିକ ବିଭାଗରେ ଉନ୍ନତି ମୂଳକ ପ୍ରକଳ୍ପ ଓ କାର୍ଯ୍ୟକ୍ରମ ଗୁଡ଼ିକ ବିଷୟରେ ଚାଷୀଙ୍କ ନିକଟରେଂ ଅବଗତ କରାଯାଇଥିଲା । ମୃତ୍ତିକାର ସ୍ୱାସ୍ଥ୍ୟ ରକ୍ଷା ଓ ପରିଚାଳନା, ପ୍ରାକୃତିକ ଚାଷ, ଡ୍ରୋନ୍ ପ୍ରଯୁକ୍ତି ମାଧ୍ୟମରେ ଚାଷୀ କିଭଳି ପରିବେଶ ସନ୍ତୁଳିତ ରଖିବା ସଙ୍ଗେ ସଙ୍ଗେ ଖର୍ଚ୍ଚ କମାଇ ଅଧିକ ଲାଭ ପାଇ ପାରିବ ସେଥିପାଇଁ ଚାଷୀଙ୍କୁ ଉଦ୍‌ବୋଧନ ଦିଆଯାଇଥିଲା । କେନ୍ଦ୍ରର ବୈଜ୍ଞାନିକମାନେ ବିଭିନ୍ନ ଗ୍ରାମ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଚାଷୀ କିଭଳି ଅଧିକ ଅମଳ ପାଇବା ସଙ୍ଗେ ସଙ୍ଗେ ନୂତନ ଜ୍ଞାନକୌଶଳ ଅବଲମ୍ବନ କରି ଅଧିକ ଲାଭବାନ ହେବେ ସେଥିପ୍ରତି ଉଦ୍‌ବୋଧନ ଦେଇଥିଲେ ।






## ବିଶ୍ୱ ମୃତ୍ତିକା ଦିବସ ପାଳନ:

ପ୍ରତିବର୍ଷ ଡିସେମ୍ବର ମାସ ୫ ତାରିଖରେ ବିଶ୍ୱ ମୃତ୍ତିକା ଦିବସ ପାଳନ ହୋଇଥାଏ । କୃଷି ବିଭାଗ ଓ କୃଷି ବିଜ୍ଞାନ କେନ୍ଦ୍ର ମିଳିତ ଆନୁକୂଲ୍ୟରେ ଚଳିତ ବର୍ଷ କୃଷି ବିଭାଗ ପ୍ରାଙ୍ଗଣରେ ଉକ୍ତ ତାରିଖରେ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି । ମୃତ୍ତିକାର ସ୍ୱାସ୍ଥ୍ୟ ମୃତ୍ତିକା ପରୀକ୍ଷା କରି କିଭଳି ସୁସ୍ଥ ରହିବ ଯଦ୍ୱାରା ଫସଲ ଅମଳ ବୃଦ୍ଧି ହେବା ସଙ୍ଗେ ସଙ୍ଗେ ପରିବେଶ ସୁସ୍ଥ ରହିବ ସେଥିପ୍ରତି ଅତିଥିମାନେ ଚାଷୀଙ୍କୁ ଉଦ୍‌ବୋଧନ ଦେଇଥିଲେ । ଚଳିତ ବର୍ଷର ଆହ୍ୱାନ "ମୃତ୍ତିକା ଓ ଜଳ-ଏକ ଜୀବନର ଉତ୍ସ" ଥିଲା । ଏହା ପୂର୍ବରୁ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ 'ଜଳ ଓ ମୃତ୍ତିକା ସମ୍ବନ୍ଧରେ' ବିଭିନ୍ନ ପ୍ରବନ୍ଧ, ବକ୍ତୃତା ଆଦି ପ୍ରତିଯୋଗିତାରେ ଭାଗନେଇଥିଲେ ଏବଂ କୃତି ଛାତ୍ରଛାତ୍ରୀଙ୍କୁ ଉକ୍ତ ଦିବସରେ ପୁରସ୍କାର ଓ ମାନପତ୍ର ଦେଇ ସମ୍ମାନୀତ କରାଯାଇଥିଲା ।